ବିଭିନ୍ନ ପଶୁଙ୍କ ପ୍ରଜନନ ସମ୍ବନ୍ଧୀୟ କୋତୋଟି ଜାଣିବା କଥା

ବିଭିନ୍ନ ଜାତି	ବୟଃପ୍ରାପ୍ତ ହେବାର ବୟସ	ଗରମ ରହିବାର ସମୟ	ପରବର୍ତ୍ତୀ ଗରମ ଆସିବାର ସମୟ	ଗର୍ଭଧାରଣ ସମୟ	ପ୍ରସବ ପରେ ପୁନଃ ଗରମ ଆସିବାର ସମୟ
ଗାଈ-ସଙ୍କର	୧୨ ରୁ ୧୮ ମାସ	୧୦ ରୁ ୧୮ ଘଣ୍ଟା	୨୧ଦିନ (୧୮-୨୪ଦିନ)	୨୮୨ ଦିନ	୪୦ ରୁ ୬୦ ଦିନ
ଦେଶୀ	୨୪ ରୁ ୩୬ ମାସ	୧୦ ରୁ ୧୮ ଘଣ୍ଟା	୨୧ଦିନ (୧୮-୨୪ଦିନ)	୨୮୨ ଦିନ	୪୦ ରୁ ୬୦ ଦିନ
ମଇଁଷି	୨୪ ରୁ ୩୬ ମାସ	୧୨ ରୁ ୧୮ ଘଣ୍ଟା	୨୧ଦିନ (୧୮-୨୪ଦିନ)	୧୦ ମାସ ୧୦ ଦିନ	୪୦ ରୁ ୯୦ ଦିନ
ଛେଳି	୧୦ ରୁ ୧୨ ମାସ	୩ ରୁ ୫ ଦିନ	୧୭ଦିନ (୧୨-୧୯ଦିନ)	୧୫୦ ଦିନ	୬୦ ରୁ ୧୫୦ ଦିନ
ମେଣ୍ଢା	୮ ରୁ ୧୨ ମାସ	୩୬ ରୁ ୪୮ ଘଣ୍ଟା	୧୭ଦିନ (୧୨-୧୯ଦିନ)	୧୫୦ ଦିନ	୬୦ ରୁ ୧୫୦ ଦିନ
ଘୋଡ଼ା	୧୨ ରୁ ୨୪ ମାସ	୫ ରୁ ୯ ଦିନ	୨୧ଦିନ (୧୩-୩୫ଦିନ)	୩୩୬ ଦିନ	୯ ରୁ ୧୪ ଦିନ
କୁକୁର	୭ ରୁ ୧୦ ମାସ	୪ ରୁ ୧୯ ଦିନ	୫ ରୁ ୬ ମାସ	୬୩ ଦିନ	୫ ରୁ ୬ ମାସ
ଘୁଷୁରୀ	୪ ରୁ ୫ ମାସ	୨ ରୁ ୩ ଦିନ	୨୧ଦିନ (୧୪-୨୬ଦିନ)	୧୧୩ ଦିନ	ଛୁଆ ଛାଡ଼ିବାର ୭ଦିନ ପରେ
ଓଟ	୩ ରୁ ୪ ବର୍ଷ	୩ ରୁ ୫ ଦିନ	୧୬-୨୨ ଦିନ	୩୭୦-୩୯୦ ଦିନ	ବର୍ଷେ ଛାଡ଼ି ବର୍ଷେ-୭୫୧ ଦିନ

ମଧ୍ୟ ବନ୍ଦ ହୋଇଯିବା ବିନା ରେମୁନେରେସନ୍‌ରେ କାମ କରିବା ବହୁତ କଷ୍ଟକର ଅଟେ। ଯଦି ଆମ୍ଭେ କୃତ୍ରିମ ପ୍ରଜନନ କିଛି କରିସାରିବା ପରେ ସରକାର ଆମକୁ ବାହାର କରିଦେଲା କିମ୍ବା ସେଣ୍ଟର ବନ୍ଦ କରିଦିଆଗଲା-ତେବେ ଆମ୍ଭମାନଙ୍କର ଭବିଷ୍ୟତ ଅନ୍ଧାର ହୋଇଯିବା ଆମର ପରିବାର ଚଳେଇବା ପାଇଁ ଆମ୍ଭେ ସକ୍ଷମ ହୋଇପାରିବୁ ନାହିଁ। ଆମ୍ଭମାନଙ୍କୁ ସରକାରଙ୍କର କିଛି ଅନୁଦାନ ଦିଆଯାଉ। ଆମ୍ଭଙ୍କୁ ସ୍ଥାୟୀ କରି ସରକାର ଆମ୍ଭଠାରୁ କାମ ଆଦାୟ କରନ୍ତୁ। ଏହି କାର୍ଯ୍ୟକୁ ଆମ୍ଭର ମଞ୍ଜୁର କରାଗଲେ ଆମ୍ଭେ ବିଶେଷ ଉପକୃତ ହେବୁ।

ଭାର୍ଗବ ପଟ୍ଟନାୟକ
ଗୋ-ମିତ୍ର, ମାଣିବନ୍ଧ, ବଡ଼ପଦର, ପିଚୁକୁଳି, ବେଗୁନିଆ, ଖୋର୍ଦ୍ଧା-୭୫୨୦୬୨
ଫୋନ : ୨୩୦୪୭୨, ୨୩୦୩୧୯

ସଫଳ କାହାଣୀ - ୫

"ସରକାରଙ୍କ ଏକ ସଫଳ ଉଦାହରଣ"

ମୁଁ ଜଣେ ଚାଷୀ ପରିବାରର ସଦସ୍ୟ ଅଟେ। ପୂର୍ବରୁ ମୁଁ ଗୋପାଳନକୁ ନେଇ ଆମ୍ଭନିଯୁକ୍ତି ହିସାବରେ କାର୍ଯ୍ୟ କରୁଥିଲି। ଟି.ଏସ୍.ଆର୍.ଡି.ଏସ୍, ସୁକିନ୍ଦାର ସହାୟତାରେ ଗୋ-ମିତ୍ରର ନିଯୁକ୍ତିର ସୁଯୋଗ ମୁଁ ପାଇ ବହୁତ ଆନନ୍ଦିତ ହୋଇଥିଲି। କିନ୍ତୁ ଯାହାକି ମୋ ଦୈନନ୍ଦିନ କାର୍ଯ୍ୟରେ ଏହା ଏକ ରୂପରେଖା ମୋ ପାଇଁ ସରକାରଙ୍କର ଏକ ସଫଳ ଉଦାହରଣ ବୋଲି ମୁଁ ହୃଦୟଙ୍ଗମ କଲି। ଯାହାହେଉ ଅଧୀନ ଗୋ-ମିତ୍ର ଭାବରେ ମୋ ପାଖ ପଞ୍ଚାୟତରେ ଆମ୍ଭନିଯୁକ୍ତି ପାଇଲି। ଏହା ମୋ ପାଇଁ ଏକ ଲାଭଦାୟକ କାର୍ଯ୍ୟକ୍ରମ। ଏଥିରେ ମୋର ପଶୁ ଚିକିତ୍ସକ ଡାଃ ପରମାନନ୍ଦ ମଲ୍ଲିକ୍ ହେଉଛନ୍ତି ପଥପ୍ରଦର୍ଶକ। ତାଙ୍କରି ତତ୍ତ୍ୱାବଧାନରେ ମୁଁ କାର୍ଯ୍ୟକରେ। ସେ ମହାଶୟ ସର୍ବଦା କହନ୍ତି ଯେ ସଂଗ୍ରାମ କର, ଫଳ ଭଗବାନ ନିଶ୍ଚୟ ଦେବେ। ମୋର ଗୋ-ପାଳନ ସାଙ୍ଗକୁ ଗୋ-ମିତ୍ର କାର୍ଯ୍ୟ ମୋତେ ବହୁତ ଆନନ୍ଦ ଦେଉଛି। ଏଥିରେ କୃତ୍ରିମ ପ୍ରଜନନ କରି ଆମ ଅଞ୍ଚଳରେ ଏକ ଜାତିଆ ବ୍ରିଡ୍‌ର ପ୍ରଚଳନ ପାଇଁ ମୁଁ ପଦକ୍ଷେପ ନେଉଛି। ଏହା କେବଳ ହୋଇପାରିବ ସରକାରଙ୍କ ଦ୍ୱାରା ନିଯୁକ୍ତି ଭାବେ ଗୋ-ମିତ୍ରଙ୍କ ଦ୍ୱାରା। ଏହା ମୋ ପାଇଁ ଏକ ସ୍ୱାଗତଯୋଗ୍ୟ ପ୍ରୋଗ୍ରାମ୍।

ମତାମତ :-

୧. ଆମେ କେବଳ ଏ.ଆଇ. ପାଇଁ ଏଗ୍ରିମେଣ୍ଟ କରିଛୁ।

୨. ତା'ସହିତ ଆମକୁ ଟୀକାକରଣ ଓ ପ୍ରାଥମିକ ଚିକିତ୍ସା ପାଇଁ ଭି.ଏ.ଏସ୍.ଙ୍କ ପାଖକୁ ଏକ ଲିଖିତ ଆଦେଶନାମା ଦିଆଯାଉ।

୩. ଟୀକାକରଣ ଓ ପ୍ରାଥମିକ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଏରିଆ ଦିଆଯାଉ।

୪. ପାଖ ଏଲ୍.ଏସ୍.ଆଇକୁ ଲିଖିତ ଆଦେଶ ଦିଆଯାଉ କି କୃତ୍ରିମ ପ୍ରଜନନ, ଟୀକାକରଣ ଓ ପ୍ରାଥମିକ ଚିକିତ୍ସା ଗୋ-ମିତ୍ର ତା ନିଜ ପଞ୍ଚାୟତରେ ହିଁ କରିବା।

୫. କିଛି ପାରିଶ୍ରମିକ ବେତନ ପ୍ରଦାନ କରିବା ପାଇଁ ବନ୍ଦୋବସ୍ତ କରାଯାଉ।

୬. ଅଧିକ ପ୍ରସାରିତ ହେବା ପାଇଁ ଏ.ଆଇ. କିଛି ପୋଷ୍ଟର ଏବଂ ବହି ଦିଆଯାଉ।

ଶରତ ଚନ୍ଦ୍ର ନାୟକ
ଗୋ-ମିତ୍ର, ମକୁଆ, କାଟେଣୀ
ଶିତଳବସା, ରାଇବଡ଼, ବଡ଼ସୁଆଲ, ଢେଙ୍କାନାଳ
ଫୋନ : ୯୪୩୭୩୮୪୦୬୩, ୯୪୩୭୬୫୦୩୧୭, ୯୪୩୭୧୮୧୮୪୨

ସଫଳ କାହାଣୀ - ୬

ନୟାଗଡ଼ ଜିଲ୍ଲାର ଓଡ଼ଗାଁ ବ୍ଲକ୍ ଅଧିନସ୍ଥ ମଗରବନ୍ଧ ଗୋ-ମିତ୍ରଙ୍କ କୃତିତ୍ୱ

ଶ୍ରୀ ପ୍ରଭାତ କୁମାର ପ୍ରଧାନ ଗତ ବର୍ଷ ଅକ୍ଳାନ୍ତ ପରିଶ୍ରମକରି ଗୋ-ପ୍ରଜନନ ବିଷୟରେ ଲୋକଙ୍କୁ ସଚେତନତା ତଥା ଆଗ୍ରହ ସୃଷ୍ଟି କରିପାରିଛନ୍ତି। ଗଲାବର୍ଷ କୃତ୍ରିମ ପ୍ରଜନନ କ୍ଷେତ୍ରରେ ତାଙ୍କ ଅଞ୍ଚଳରେ ୪୫ଟି ଦେଶୀ ଗାଈକୁ କୃତ୍ରିମ ପ୍ରଜନନ କରିବା ସତ୍ତ୍ୱେ ତାଙ୍କର ଦୃଢ଼ ବିଶ୍ୱାସ ଅଛି ଯେ ଆଗାମୀ ଭବିଷ୍ୟତରେ ତାଙ୍କ ଅଞ୍ଚଳରେ ଦେଶୀ ଗାଈ ଗୋରୁଙ୍କୁ କୃତ୍ରିମ ପ୍ରଜନନ କରାଇବା ସହିତ ସଙ୍କର ଜାତୀୟ ଉନ୍ନତ ବାଛୁରୀ ସୃଷ୍ଟି କରି ଲୋକମାନଙ୍କର ଆର୍ଥିକ ବ୍ୟବସ୍ଥାକୁ ସୁଧାରି ପାରିବା। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ୨ଟି ଦୁର୍ଗମ ଅଞ୍ଚଳ, ଯଥା- ପଶୁପତି ଜଆଗାଁ ଏବଂ ଗୁଣ୍ଡୁରୀବାରି ଗ୍ରାମରେ ଆଗରୁ କୃତ୍ରିମ ପ୍ରଜନନର ସେବା ଲୋକମାନେ ଉପଲବ୍ଧ କରି ପାରି ନଥିଲେ ଏବଂ ଶ୍ରୀ ପ୍ରଭାତ ବାବୁଙ୍କର ଚେଷ୍ଟାରେ ପ୍ରଥମ ଥର ପାଇଁ ଗୋପାଳକମାନେ କୃତ୍ରିମ ପ୍ରଜନନ ପାଇଁ ଉତ୍ସାହିତ ହୋଇ ତାଙ୍କ ଗାଈକୁ ପ୍ରଜନନ କରାଇଛନ୍ତି। ଆନ୍ଧ୍ର ପ୍ରଦେଶର ଏକ ଟିମ୍ ଉକ୍ତ ଅଞ୍ଚଳରେ ତା୧୪।୪।୦୬ରିଖ ଦିନ ପରିଦର୍ଶନରେ ଆସି ତାଙ୍କର କାର୍ଯ୍ୟକଳାପ ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ଶ୍ରୀ ପ୍ରଧାନଙ୍କର ଏଭଳି କାର୍ଯ୍ୟକାରିତା ସମସ୍ତ ଗୋ-ମିତ୍ର ତଥା ସରକାରୀ କର୍ମଚାରୀଙ୍କ ପାଇଁ ପ୍ରେରଣାର ଉତ୍ସ।

ମୁଖ୍ୟସଂପାଦକ :
ଶ୍ରୀଯୁକ୍ତ ବିଜୟ କୁମାର ଧଳ, ଆଇ.ଏ.ଏସ୍
ନିର୍ଦ୍ଦେଶକ, ପଶୁପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟ
ଓଡ଼ିଶା, କଟକ
ସଂପାଦକୀୟ ମଣ୍ଡଳୀ
ଡା. ବୀରକିଶୋର ପଟ୍ଟନାୟକ
ଡା. ପ୍ରତାପ କୁମାର ସାହୁ
ଡା. ଗୋପାଳ ଚନ୍ଦ୍ର ତ୍ରିପାଠୀ
ଡା. ରମାକାନ୍ତ ମହାପାତ୍ର
ଡା. ଉତ୍କେଶ ଚନ୍ଦ୍ର ଦାସ
କୋଷାଧ୍ୟକ୍ଷ
ଡାଃ. ବଳରାମ ମିଶ୍ର, ଯୁଗ୍ମନିର୍ଦ୍ଦେଶକ
ପଶୁ ପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ